

# ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ 2019-20



- ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ **10 ସେପ୍ଟେମ୍ବର** ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
- ଅଦ୍ୟାବଧି ପଞ୍ଜିକରଣ ଉଦ୍ଦେଶ୍ୟରେ ଆବେଦନ ପତ୍ର ଦାଖଲ କରି ନଥିବା ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ, ନିର୍ଦ୍ଧାରିତ ଫର୍ମରେ ସେମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ସମିତି (ପେକ୍ସ/ ଲ୍ୟାମ୍ପ୍ସ/ମହିଳା ସ୍ୱୟଂସହାୟକ ଗୋଷ୍ଠୀ ବା ପାଣି ପଞ୍ଚାୟତ)ରେ ବର୍ଦ୍ଧିତ ସମୟ ସୀମା ମଧ୍ୟରେ ଆବେଦନ କରିବେ ।
- ଚାଷୀ ପଞ୍ଜିକରଣ ପାଇଁ ଏହା ଶେଷ ସୁଯୋଗ । ଏହାକୁ ହାତଛଡା ନ କରିବା ପାଇଁ ବିନୀତ ଅନୁରୋଧ ।

## ପଞ୍ଜିକୃତ ତଥ୍ୟର ଚିଠା ପ୍ରକାଶନ

- ପଞ୍ଜିକୃତ ଚାଷୀମାନେ ଖରିଫ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା (ତା.31.8.2019 ସୁଦ୍ଧା ପଞ୍ଜିକୃତ ତଥ୍ୟ ଅନୁଯାୟୀ) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯାଇଛି ।
- ଏହି ତଥ୍ୟ ସମ୍ପୃକ୍ତ ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସମିତି, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ ଦୋକାନରେ ପ୍ରକାଶନ କରାଯାଇଛି ।
- ସବିଶେଷ ତଥ୍ୟ ସମ୍ପୃକ୍ତ ସମିତିରେ ଉପଲବ୍ଧ ଏବଂ ପଞ୍ଜିକୃତ ଚାଷୀ/ ସର୍ବସାଧାରଣ ତା'ହା ନିରୀକ୍ଷଣ କରିପାରିବେ ।
- ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍ ସମ୍ବନ୍ଧୀୟ ଅଭିଯୋଗ ସମ୍ପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା **ତା.12.9.2019** ସୁଦ୍ଧା ଦରଜ କରିପାରିବେ ।
- ଆପତ୍ତି କରିବା ପାଇଁ ନିର୍ଦ୍ଧାରିତ ଫର୍ମ ପ୍ରକାଶନ ସ୍ଥଳରେ ଉପଲବ୍ଧ ଅଟେ ।
- ସମିତି ସମ୍ପାଦକ/ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ/ କଣ୍ଟ୍ରୋଲ ଡିଲର ଅଭିଯୋଗକାରୀଙ୍କ ଦସ୍ତଖତ ସମ୍ବଳିତ ଆପତ୍ତି ପତ୍ର ପ୍ରାପ୍ତି ସ୍ୱୀକାର ସହ ଗ୍ରହଣ କରିବେ ।
- ଏକ ନିର୍ଭୁଲ ଓ ତଥ୍ୟନିଷ୍ଠ ଚାଷୀ ତାଲିକା ପ୍ରସ୍ତୁତ କରିବା ସରକାରଙ୍କ ଲକ୍ଷ୍ୟ ।
- ଏ ବାବଦରେ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**

**ଓଡିଶା ସରକାର**